# "ପ୍ରତିଷ୍ଠିତ କମ୍ପାନୀର ମ୍ୟାନେଜର୍‌ଙ୍କ ସହିତ ପ୍ରେମ ସମ୍ପର୍କ ଗଢ଼ି ଉଠିଲା" !

ମୁଁ ସନ୍ତୋଷ କୁମାର ସ୍ୱାଇଁ (ଛଦ୍ମନାମ) । ଘର ଖାତିଗୁଡ଼ା ଥାନା ଅନ୍ତର୍ଗତ ନବରଙ୍ଗପୁର ଜିଲ୍ଲାରେ । ମୋର ବାପା ଇନ୍ଦ୍ରାବତୀ ପ୍ରୋଜେକ୍ଟରେ କାମ କରୁଥିଲେ । ଏହି ସମୟରେ ମୁଁ ମଧୁଛନ୍ଦା ମହାନ୍ତି ନାମକ ମୋର ପଡ଼ିଶା ଘରେ ରହୁଥିବା ଝିଅକୁ ପ୍ରେମ କରି ବସିଲି । ମାତ୍ର ମୋର ପ୍ରେମିକା ମୋତେ ନପାଇଲେ ଆତ୍ମହତ୍ୟା କରିବ ବୋଲି ତାଙ୍କ ଘରେ ରୋକ୍ ଠୋକ୍ ଜଣାଇ ଦେଇଥିଲା । ଆମେ ଉଭୟେ କାମ କରି ବଞ୍ଚିପାରିବୁ ବୋଲି ଭାବି ୨୦୦୫ ମସିହାରେ ହରିଶଙ୍କର ମନ୍ଦିରରେ ବିବାହ କଲୁ । ପ୍ରଥମେ ୬ ମାସ ପରିବାରର ଲୋକମାନେ କଥାବାର୍ତ୍ତା କଲେ ନାହିଁ । ମାତ୍ର ୬ ମାସ ପରେ ସବୁ ଠିକ୍ ଠାକ୍ ହୋଇଗଲା । ତା– ୨୮-୦୬-୨୦୦୮ରିଖ ଦିନ ଆମକୁ ଈଶ୍ୱର ଏକ କନ୍ୟାରତ୍ନ ଉପହାର ଦେଲେ । ସେତେବେଳକୁ ମୁଁ ଅନୁଗୁଳରେ ଚାକିରୀ କରୁଥିଲି । ମୋର ଶାଶୁ ଏହି ସମୟରେ ଆରପାରିକୁ ଚାଲିଗଲେ । ମୋର ଶ୍ୱଶୁର କହିବା ମୁତାବକ ଆମେ ଖୋର୍ଦ୍ଧାରେ ଶ୍ୱଶୁର ଘର ପାଖା ପାଖି ଏକ ଘର ନେଇ ରହିଲୁ । ଏହାର କିଛି ଦିନ ପରେ ମୁଁ ପଇସା ରୋଜଗାର କରିବା ନିସାରେ ରାଜସ୍ଥାନ ଯାଇ ଚାକିରୀ କଲି । ମୋର ସ୍ତ୍ରୀ ଚାହିଁଲା ଖୋର୍ଦ୍ଧା ପାଖରେ ଏକ ପାର୍ଲର୍ କରିବା ପାଇଁ । ପ୍ରଥମେ ମୁଁ ଏବଂ ମୋର ଶ୍ୱଶୁର ସମସ୍ତେ ମନାକଲେ ମଧ ପରମୂହୁର୍ତ୍ତରେ ତାଙ୍କ କଥାରେ ରାଜି ହୋଇ ଦୁଇ ଲକ୍ଷ ଟଙ୍କା ବ୍ୟୟରେ ଏକ ପାର୍ଲର ଖୋର୍ଦ୍ଧାରେ ଖୋଲାଗଲା । ମୁଁ ବାହାରେ ରହୁଥିବାରୁ ଏହି ସମୟରେ ମୋ ସ୍ତ୍ରୀ ସହିତ ଭୁବନେଶ୍ୱରର ଏକ "ପ୍ରତିଷ୍ଠିତ କମ୍ପାନୀର ମ୍ୟାନେଜର୍‌ଙ୍କ ସହିତ ପ୍ରେମ ସମ୍ପର୍କ ଗଢ଼ି ଉଠିଲା" । ଇତି ମଧରେ ମୋର କଠିନ ପରିଶ୍ରମ ଓ ଠିକ୍‌ରେ ଖିଆପିଆ ନକରିବାରୁ ଡାଇବେଟିସ୍ ରୋଗ ଆକ୍ରାନ୍ତ କରିସାରିଥିଲା । ସ୍ତ୍ରୀର କଥାକୁ ଶ୍ୱଶୁର ଘର ଲୋକ ମତେ ଡକାଇ ଜଣାଇଲେ । ଶ୍ୱଶୁର, ଶଳା ଓ ଶାଳୀ ସମସ୍ତେ ମିଶି ସ୍ତ୍ରୀକୁ ଆସି ଆମ ଗାଁକୁ ନେଇ ଯାଇଥିଲୁ । ମାତ୍ର ସେ ସେଠାରେ ଦଶଦିନ ମଧ ରହିଲେ ନାହିଁ । ପୁଣି ପାଟିତୁଣ୍ଡ ହୋହଲା କରି ଝିଅକୁ ଛାଡ଼ି ଆସି ଖୋର୍ଦ୍ଧାରେ ରହିଲେ । ଇତି ମଧରେ ମୁଁ ଏହି ବିଷୟରେ ଖୋର୍ଦ୍ଧା ଥାନାରେ ଜଣାଇଲି । ମାତ୍ର ସେମାନେ କହିଲେ ଆମେ କିଛି କରିପାରିବୁ ନାହିଁ । ଓଲଟା ସେ ସ୍ତ୍ରୀ ଲୋକ ଆମ ନାଁରେ ରେପ୍ କେସ୍ କରିଦେଇ ପାରିବ । ପୁଣି ସେଠାରୁ ହତାସ ହୋଇ ରାଜ୍ୟ ମହିଳା କମିଶନକୁ ତା-୨୮-୦୭-୨୦୧୬ରିଖ ଦିନ ଜଣାଇଲି । ଏଠାରେ ମଧ ସେଇ ଏକା ଅବସ୍ଥା । ସେମାନେ ମୋତେ କହିଲେ, ମହିଳାଙ୍କ ବିରୁଦ୍ଧରେ ଆମେ କିଛି କରିପାରିବୁ ନାହିଁ । ଏବେ ମୁଁ କଣ କରିବି କିଛି ବୁଝିପାରୁ ନାହିଁ । ସମାଜରେ ଲୋକଙ୍କ ଟାହିଟାପରା ଶୁଣି ହାତର ଶିରା କାଟିଦେଇ ମରିଯିବି ବୋଲି ଭାବି ହାତର ଶିରା କାଟିଦେଲି । କିନ୍ତୁ ମରି ପାରିଲି ନାହିଁ । ଏବେ ସବୁଠାରୁ ବେଶି କଷ୍ଟ ଦେଉଛି ଲୋକ ଲଜ୍ୟା । ଯାହା ସହିବା ମୋ ପକ୍ଷରେ ଅସମ୍ଭବ ............?

ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍ (ଆବାହକ)
ମୋ- ୯୪୩୭୧୬୪୩୯୯

ବି.ଦ୍ରଃ ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।